# ମଣ୍ଡିରେ ଧାନ ବିକ୍ରି ପାଇଁ ନକଲି ଚାଷୀଙ୍କ ନାଁ ପଞ୍ଜୀକରଣ

ରାୟଗଡ଼ା,୧୭।୧୧(ଆଶିଷ ରଞ୍ଜନ ପଣ୍ଡା)

- ଚାଷ ଜମିର ସାଟେଲାଇଟ ସର୍ଭେ
- ଧରାପଡ଼ିଲା ୧୫,୬୯୯ ସନ୍ଦେହଜନକ ପ୍ଲଟ୍
- ଦଲାଲ ସକ୍ରିୟ ଆଶଙ୍କା

ଖରିଫ ଧାନ ସଂଗ୍ରହ ପାଇଁ ମଣ୍ଡି ଆରମ୍ଭ ହେବ । ଚଳିତ ଥର ନୂତନ ସରକାର ଧାନର ମୂଲ୍ୟ ବୃଦ୍ଧି କରିଛନ୍ତି। ଚାଷୀ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପାଇବେ । ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଇନପୁଟ୍ ସହାୟତା ୮୦୦ ଟଙ୍କା ପାଇବେ। ଯାହାର ଫାଇଦା ଉଠାଇବା ପାଇଁ କିଛି ନକଲି ଚାଷୀ ନିଜ ନାଁ ପଞ୍ଜୀକୃତ କରିଥିବା ଦେଖିବାକୁ ମିଳିଛି। ପୂର୍ବରୁ ଫିଲ୍ଡ ଭେରିଫିକେଶନରେ ୩୫୮ଜଣ ନକଲି ଚାଷୀ ଚିହ୍ନଟ ହୋଇଥିବା ବେଳେ ବର୍ତ୍ତମାନ ୧୫ ହଜାର ୬୯୯ ସନ୍ଦେହଜନକ ପ୍ଲଟ୍ ବାହାରିଥିବା ସମବାୟ ବିଭାଗ ପକ୍ଷରୁ ହୋଇଥିବା ସାଟେଲାଇଟ ସର୍ଭେ ତଥ୍ୟରୁ ଜଣାପଡ଼ିଛି।

ଚଳିତବର୍ଷ ରାୟଗଡା ଜିଲାରେ ୨୧ ହଜାର ୫୦୪ ଜଣ ଚାଷୀ ମଣ୍ଡିରେ ଧାନ ବିକ୍ରି ପାଇଁ ସେମାନଙ୍କର ନାମ ପଞ୍ଜୀକରଣ କରିଥିଲେ । କେଉଁଠି ଚାଷ ଜମିରେ ଅଣଧାନ ଚାଷ କରିଥିବାବେଳେ ଆଉ କିଛି ଜମିରେ ଧାନ ଚାଷ ନ କରି ନିଜର ନାମ ପଞ୍ଜୀକରଣ କରିଥିଲେ । ତେବେ ସାଟେଲାଇଟ ସର୍ଭେ ବେଳେ ସବୁ ଜାଲିଆତି ଧରାପଡିଛି। ୨୦୨୪ ଖରିଫ



ଋତୁରେ ୪୦ ହଜାର ହେକ୍ଟର ଜମିରେ ଧାନ ଚାଷ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ୪୧ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଛି । ଅନ୍ୟପକ୍ଷେ ଚଳିତ ସପ୍ତାହରେ ଆବଶ୍ୟକ ପରିମାଣର ବର୍ଷା ନ ହେଲେ ଧାନ ଅମଳ ପରିମାଣ କମିବାର ସମ୍ଭାବନା ରହିଛି। ଧାନ ଗଛରେ କେଣ୍ଡା ଧରିଲା ବେଳେ ବର୍ଷା ହେଲେ ଧାନ ଅମଳ ବୃଦ୍ଧି ପାଇବା ସହ ଧାନର ଏଫଏକ୍ୟୁ ମାନ ଭଲ ରହିବ । ନଚେତ୍ ଧାନ ଅଗାଡି ହେବାର ଅଧିକ ଆଶଙ୍କା ରହିଛି । ଧାନ ମିଲିଂ ବେଳେ ଚାଉଳ ଗୁଣ୍ଡ ହେବାର ବି ଆଶଙ୍କା ରହିଥିବା କହିଛନ୍ତି କୃଷି ବିଶେଷଜ୍ଞ। ପୂର୍ବରୁ ଭଲ ଧାନକୁ ମିଲ ମାଲିକମାନେ ରାୟଗଡା ଜିଲା ସୀମାନ୍ତ ପଡୋଶୀ ଆନ୍ଧ୍ରପ୍ରଦେଶକୁ ଚାଲାଣ କରିଦେଉଥିବା ଏବଂ ରିପଲିସ ଚାଉଳରେ ଭିଟାମିନଯୁକ୍ତ ଚାଉଳ ମିଶାଇ ସରକାରଙ୍କୁ ଦେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ତେବେ ବର୍ତ୍ତମାନ ଓଡ଼ିଶାରେ ଧାନର ଦର ଅଧିକା ମିଳିବା ଆଶାରେ ଏଭଳି ନକଲି ପଞ୍ଜୀକରଣ ହୋଇଥିବା ନେଇ ଚାଷୀ ମହଲରେ ଅଭିଯୋଗ ହୋଇଛି। ତେଣୁ ଜିଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ଚାଷୀ ମହଲରେ ଦାବି ହୋଇଛି।

## 'ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣାଯିବ'



ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ରାୟଗଡ଼ା,୧୭।୧୧(ଆଶିଷ ରଞ୍ଜନ ପଣ୍ଡା)

### ଶିକ୍ଷକ ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଜିଲା ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ସ୍ଥାନୀୟ ସର୍କିଟ ହାଉସଠାରେ ସମ୍ବର୍ଦ୍ଧିତ କରିଛନ୍ତି। ନୂତନ ସରକାର ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଓ ଅଗ୍ରଗତି ଦିଗରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ନିମନ୍ତେ ସଂକଳ୍ପବଦ୍ଧ ହେବାକୁ ଶିକ୍ଷକମାନଙ୍କୁ ମନ୍ତ୍ରୀ ଗଣ୍ଡ କହିଥିଲେ। ଏହି ଅବସରରେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ବିଭିନ୍ନ ଶିକ୍ଷକ ବର୍ଗ ପରିବର୍ତ୍ତେ ସମସ୍ତ ପ୍ରାଥମିକ ଶିକ୍ଷକଙ୍କୁ ଏକକ ବର୍ଗରେ ପରିଣତ କରିବା ଏବଂ ଗତ ୨ବର୍ଷରୁ ଊର୍ଦ୍ଧ୍ୱ ବନ୍ଦ ଥିବା ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ନିମନ୍ତେ ସଂଘ ଦାବିପତ୍ର ପ୍ରଦାନ ପୂର୍ବକ ଅନୁରୋଧ କରିଥିବା ଜିଲା ସାଧାରଣ ସମ୍ପାଦକ ନୀଳାଞ୍ଚଳ ମିଶ୍ର କହିଛନ୍ତି । ଶିକ୍ଷକଙ୍କ ପଦୋନ୍ନତି ନିମନ୍ତେ ସରକାର ଚେଷ୍ଟିତ ଏବଂ ଅତିଶୀଘ୍ର ଏହା କାର୍ଯ୍ୟକାରୀ ହେବ ତଥା ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ନିମନ୍ତେ ସ୍ୱତନ୍ତ୍ର ଏକକ ବର୍ଗ ସଂରଚନା ନିମନ୍ତେ ସରକାର ଚିନ୍ତା କରୁଥିବା ମନ୍ତ୍ରୀ ଗଣ୍ଡ ଶିକ୍ଷକମାନଙ୍କୁ କହିଛନ୍ତି।

# ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ରାୟଗଡ଼ା,୧୭।୧୧(ଆଶିଷ ରଞ୍ଜନ ପଣ୍ଡା)

ପ୍ରଥମେ ବିଦ୍ୟାନଗର ଓ ପରେ ରାୟଗଡ଼ା ଥାନା ସମ୍ମୁଖରେ ଶନିବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖିଛି । ଏହା କୌଣସି ଗୋଷ୍ଠୀ ସଂଘର୍ଷ ନୁହେଁ ବୋଲି ଭାଜପା ନେତା ବସନ୍ତ ଉଲାକା ବିଦ୍ୟାନଗରଠାରେ ତାଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି । ବସନ୍ତ ଏହି ଘଟଣାକୁ ନିନ୍ଦା କରିବା ସହ ଆକ୍ରମଣକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏସ୍‌ପିଙ୍କୁ ନିବେଦନ କରିଥିବା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଶନିବାର ସନ୍ଧ୍ୟାରେ ୭ରୁ ୮ଜଣ ଯୁବକ ମାରଣାସ୍ତ୍ର ଧରି



ଖବରଦାତା ସମ୍ମିଳନୀରେ ଭାଜପା ନେତା ବସନ୍ତ ଉଲାକା ଓ ଅନ୍ୟମାନେ ।

ବସନ୍ତଙ୍କ ବିଦ୍ୟା ନଗରସ୍ଥିତ କାର୍ଯ୍ୟାଳୟରେ ପଶି ଭଙ୍ଗାରୁଜା କରିଥିଲେ । ସେମାନେ ଧମକଚମକ ଦେବାରୁ ସେଠାରେ ଉପସ୍ଥିତ ବସନ୍ତଙ୍କ ସମେତ ଅନ୍ୟ ସମର୍ଥକ ଭୟଭୀତ ହୋଇପଡ଼ିଥିଲେ । ଏହାପରେ ରାୟଗଡ଼ା ଥାନାରେ ଲିଖିତ ଅଭିଯୋଗ ଦାଖଲ ସମୟରେ ଥାନା ସମ୍ମୁଖରେ ପୁଣି ମାରପିଟ ହୋଇଥିଲା। ତେବେ ଏହା ଗୋଷ୍ଠୀ ସଂଘର୍ଷ ନୁହେଁ ବୋଲି ବସନ୍ତ ପ୍ରକାଶ କରିଛନ୍ତି । ଏହା ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଥିବା ନେଇ ସନ୍ଦେହ ପ୍ରକାଶ କରିଛନ୍ତି ବସନ୍ତ ।

### ମାରପିଟ ଘଟଣାରେ ୨ ଅଟକ

ଏହି ଘଟଣାକୁ ନେଇ ରାୟଗଡ଼ା ଗସ୍ତରେ ଆସିଥିବା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଘଟଣା ସମ୍ପର୍କରେ ବସନ୍ତଙ୍କୁ ପଚାରି ବୁଝିବା ସହିତ ଏସ୍‌ପିଙ୍କ ସହ ଆଲୋଚନା କରିଥିବା ବସନ୍ତ ସୂଚନା ଦେଇଛନ୍ତି। ଅନ୍ୟପଟେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୁଇ ଜଣଙ୍କୁ ରାୟଗଡ଼ା ଥାନାରେ ଅଟକ ରଖି ପଚରାଉଚୁରା କରୁଛି । ସେମାନଙ୍କ ମଧ୍ୟରୁ ଜଣେ ହେଲେ ଡି.ନଗେନ୍ଦ୍ର ଓ ଅନ୍ୟ ଜଣେ ନାବାଳକ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ଘଟଣାର ତଦନ୍ତ ଜାରିରହିଥିବା ଆଇଆଇସି କେକେବିକେ କହଁର କହିଛନ୍ତି।

## ମଦ ଭାଟିରେ ନିଆଁ ଲଗାଇ ୨ ଗିରଫ

ରାୟଗଡ଼ା,୧୭।୧୧(ଆଶିଷ ରଞ୍ଜନ ପଣ୍ଡା)

କାଶୀପୁର ବ୍ଲକ୍ ଦୁଡୁକାବାହାଲସ୍ଥିତ ସରକାରୀ ଦେଶୀ ମଦ ଭାଟିରେ ନିଆଁ ଲଗାଇବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗୋକୁଳମୁଣ୍ଡାର ଅର୍ଜୁନ ସାହୁ ଏବଂ ଟିକିରି ଦୋରା ସାହିର କୃପାସିନ୍ଧୁ ଦିଶାରି। ମଦଭାଟିରେ ଅଗ୍ନିକାଣ୍ଡ ଯୋଗୁ ସେଲ୍ସମ୍ୟାନ ଆହତ ହୋଇଥିବାବେଳେ ବହୁ ଆସବାବପତ୍ର ଜଳି ନଷ୍ଟ ହୋଇଯାଇଛି। ସୂଚନାଯୋଗ୍ୟ, ଅଭିଯୁକ୍ତ ଅର୍ଜୁନ ତାଙ୍କ ଘରେ ବେଆଇନ ଭାବେ ଦେଶୀ ମଦ ତିଆରି କରି ବିକ୍ରି କରୁଥିଲେ। ଅବକାରୀ ବିଭାଗ ଖବରପାଇ ଗତ ୧୪ ତାରିଖରେ ତାଙ୍କ ଘରେ ଚଢାଉ କରି ବେଆଇନ ଦେଶୀ ମଦ ଜବତ କରିବା ସହ ମଦ ତିଆରି ସାମଗ୍ରୀ ନଷ୍ଟ କରିଥିଲେ। ଏଥିସହିତ ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିଲେ। ସରକାରୀ ଦେଶୀ ମଦ ଭାଟିର ପ୍ରରୋଚନାରେ ଅବକାରୀ ବିଭାଗ ଚଢାଉ କରିଥିବା ଅଭିଯୁକ୍ତ ଅର୍ଜୁନ ସନ୍ଦେହ କରି ତାଙ୍କ ସହଯୋଗୀ କୃପାସିନ୍ଧୁ ପ୍ରତିଶୋଧ ନେବାର ଯୋଜନା କରି ଭାଟିକୁ ଯାଇଥିଲେ। ଅର୍ଜୁନ ଏକ ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ ଭର୍ତ୍ତି କରି ମଦ ଭାଟି ସେଲ କାଉଣ୍ଟର ଭିତରକୁ ଫୋପାଡି ନିଆଁ ଲଗାଇ ଦେଇଥିଲେ। ସେଲ୍ସମ୍ୟାନଙ୍କ ଅଭିଯୋଗ ଆଧାରରେ ଟିକିରି ଥାନାରେ କେସ ନମ୍ବର ୨୨୭/୨୦୨୪ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଶ୍ରୀଜଗନ୍ନାଥ ସେବା ସମ୍ମାନରେ ପ୍ରଶାନ୍ତ ସମ୍ମାନିତ



ଅତିଥିମାନେ ପ୍ରଶାନ୍ତଙ୍କୁ ସମ୍ମାନିତ କରୁଛନ୍ତି।

ପଦ୍ମପୁର, ୧୭।୧୧ (ପ୍ରଶାନ୍ତ କୁମାର କର)

ଚଳିତ ବର୍ଷ ଶ୍ରୀଜଗନ୍ନାଥ ସେବା ସମ୍ମାନରେ ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍‌ର ଖବରଦାତା ପ୍ରଶାନ୍ତ କୁମାର କର ସମ୍ମାନିତ ହୋଇଛନ୍ତି। ଖୋର୍ଦ୍ଧା ସ୍ଥିତ ନିଶିଗନ୍ଧା ଓଡ଼ିଆ ଭାଷା ପ୍ରତିଷ୍ଠାନ ଓ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଚିଲିକା ବ୍ଲକ୍‌ର ଗଇନଡା ସେବା ସଦନ ପରିସରରେ ୧୪ ଓ ୧୫ତାରିଖ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ରାଜ୍ୟସ୍ତରୀୟ ରଙ୍ଗାରଙ୍ଗ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଓ ପୁସ୍ତକ ମେଳାରେ ଖବରଦାତା କରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ସାମ୍ବାଦିକତା କ୍ଷେତ୍ରରେ ଦକ୍ଷ, କର୍ତ୍ତବ୍ୟନିଷ୍ଠା ଓ ତ୍ୟାଗପୂତ ଜୀବନ ନିର୍ବାହ ନିମନ୍ତେ ଅତିଥି ତାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରସନ୍ନ ପାଟଶାଣୀ, ସମ୍ମାନିତ ଅତିଥି ଡ. ଗଣେଶ୍ୱର ମହନ୍ତ, ଅନୁଷ୍ଠାନର ଉପ ସଭାପତି ତାରିଣୀ ପ୍ରସାଦ ମହାନ୍ତି, ପୂର୍ବତନ ଜିଲାପାଳ ନିରଞ୍ଜନ ସାହୁ, ସୁନାମଧନ୍ୟ କଳାକାର ତଥା ସାମ୍ବାଦିକ ନିରଞ୍ଜନ ଓଝା, ବିଶିଷ୍ଟ ଗାୟିକା ଜୟଶ୍ରୀ ଧଳ, ଚିଲିକା ବ୍ଲକ୍‌ର ପ୍ରାକ୍ତନ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକଙ୍କ ସମେତ ଅନୁଷ୍ଠାନର ପ୍ରତିଷ୍ଠାତା ବଳରାମ ତରାଇ, ସଭାପତି ଚକ୍ରଧର ତ୍ରିପାଠୀ, ସମ୍ପାଦିକା ସରସ୍ୱତୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ସଂକ୍ଷେପରେ

#### ଭ୍ୟାନ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ପଦ୍ମପୁର,୧୭।୧୧ (ପ୍ରଶାନ୍ତ କୁମାର କର)

ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଆଖୁସିଂ ଗ୍ରାମ ନିକଟରେ ରବିବାର ସକାଳ ୭ଟାରେ ଏକ ଭ୍ୟାନ ଧକ୍କାରେ ଘଟଣାସ୍ଥଳରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆଖୁସିଂ ଗ୍ରାମର ମୁରଲି ଲଛନ (୬୦)। ମୁରଲି ବିଲକୁ ଯିବା ସମୟରେ ବ୍ରହ୍ମପୁରରୁ ପଦ୍ମପୁର ଅଭିମୁଖେ ଆସୁଥିବା ଏକ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ବୃଦ୍ଧଙ୍କୁ ଉଦ୍ଧାର କରି ପଦ୍ମପୁର ମେଡିକାଲକୁ ଆଣିଥିବା ବେଳେ ଡ଼ାକ୍ତର ଅମ୍ବଜ ରତ୍ନ ମୁଦୁଲି ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଡ୍ରାଇଭର ଗାଡ଼ି ରଖି ଫେରାର ହୋଇଯାଇଥିଲେ। ପଦ୍ମପୁର ପୋଲିସ ଭ୍ୟାନକୁ ଜବତ କରିବା ସହ ଘଟଣାର ତଦନ୍ତ କରୁଛନ୍ତି।

#### ମୋଷ୍ଟ ୱାଣ୍ଟେଡ ତୋଫାନ ଗିରଫ

ଦିଗପହଣ୍ଡି,୧୭।୧୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ପୋଲିସର ମୋଷ୍ଟ ୱାଣ୍ଟେଡ ବନ୍ଥପଲ୍ଲିଗ୍ରାମର ତୋଫାନ ଗୌଡ଼ଙ୍କୁ ପୋଲିସ ରବିବାର ଗିରଫ କରିବା ପରେ ବ୍ରହ୍ମପୁର ତୃତୀୟ ଅତିରିକ୍ତ ଜିଲା ଦୌରାଜଜ କୋର୍ଟକୁ ଚାଲାଣ କରିଛି। କୋର୍ଟ ପକ୍ଷରୁ ତୋଫାନଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ ଜାରି କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି।

## ନ୍ୟୁ ଏସ୍ ଲାୟନ୍ସ ଗୁଡାରି ଚାମ୍ପିୟନ୍



ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ସହ ଚେକ୍ ପ୍ରଦାନ କରୁଛନ୍ତି।

ଗୁଣପୁର,୧୭।୧୧(ପ୍ରଦୀପ କୁମାର ପାଢୀ)

### ଗୁଣପୁର ପ୍ରିମିୟର ଲିଗ୍ ସିଜନ ୩ କ୍ରିକେଟ ଟୁର୍ନାମେଣ୍ଟ

ରାୟଗଡା ଜିଲା ଗୁଣପୁର ମିନି ଷ୍ଟାଡିୟମଠାରେ ପ୍ରିମିୟର ଲିଗ୍ ସିଜନ -୩ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଜୟ ଜଗନ୍ନାଥ-୧୧କୁ ହରାଇ ନ୍ୟୁ ଏସ୍ ଲାୟନ୍ସ ଗୁଡାରି ଦଳ ଚାମ୍ପିୟନ ହୋଇଛି। ନ୍ୟୁ ଏସ୍ ଲାୟନ୍ସ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦ ଓଭର ମ୍ୟାଚ ଖେଳି ୭ ଉଇକେଟ ହରାଇ ୧୭୪ ରନ ସଂଗ୍ରହ କରିଥିଲେ। ଦିନେଶ ମାଝି ୫୨ଟି ବଲରେ ୭୯ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଏହାର ଜବାବରେ ଜୟ ଜଗନ୍ନାଥ ଦଳ ୧୭.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୧୯ ରନ୍ କରି ପରାଜିତ ହୋଇଥିଲେ। ସମଗ୍ର ଟୁର୍ନାମେଣ୍ଟରେ ରିସି ମେହର ପ୍ଲେୟର ଅଫ ଦି ଟୁର୍ନାମେଣ୍ଟ ହୋଇଥିଲେ। ଉମେଶ ସାହୁ ବେଷ୍ଟ ବୋଲର ହୋଇଥିବାବେଳେ ସନ୍ତୋଷ କେ. ପାତ୍ର ବେଷ୍ଟ ବ୍ୟାଟ୍ସ ମ୍ୟାନ ହୋଇଥିଲେ। ସାରଦା ମହାପାତ୍ର ଏବଂ ବୈକୁଣ୍ଠ ଶବର ଅମ୍ପାୟରିଂ କାର୍ଯ୍ୟ ତୁଲାଇ ଥିବାବେଳେ କିରଣ ପାଣିଗ୍ରାହି ସ୍କୋରର ଦାୟିତ୍ୱ ନେଇଥିଲେ। ଏହି ଅବସରରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଏବଂ ପୌର ପରିଷଦ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ ଓ କାଉନସିଲର ପ୍ରମୋଦ ଦାସ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ସହ ୭୫ ହଜାର ଟଙ୍କା ଏବଂ ରନର୍ସଅପ ଦଳକୁ ଟ୍ରଫି ସହ ୫୫ ହଜାର ଟଙ୍କା ପ୍ରଦାନ କରିଥିଲେ।

## ମିଟ୍ସରେ ବ୍ୟାଙ୍କିଂ, ଫାଇନାନ୍ସ, ଇନସ୍ୟୁରାନ୍ସ କାର୍ଯ୍ୟକ୍ରମ ଉଦ୍‌ଯାପିତ

ରାୟଗଡା, ୧୭।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା କୋଲନରା ବ୍ଲକ ଅନ୍ତର୍ଗତ ଭୁଜବଳସ୍ଥିତ ମିଟ୍ସ ଅନୁଷ୍ଠାନରେ ବଜାଜ ଫିନସର୍ଭ ଏବଂ ୱାଗନ୍ସ ଲର୍ନିଂ ସହଯୋଗରେ ବ୍ୟାଙ୍କିଂ, ଫାଇନାନ୍ସ ଏବଂ ଇନସ୍ୟୁରାନ୍ସରେ ସାର୍ଟିଫିକେଟ ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବି.ଏଫ.ଏସ.ଆଇ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଛାତ୍ରମାନଙ୍କୁ ଅତ୍ୟାବଶ୍ୟକକୌଶଳ ସହିତ ଭବିଷ୍ୟତ ନିର୍ମାଣ ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବି.ଟେକ, ବି.ଏସ.ସି (କୃଷି, ବାୟୋଟେକ୍ନୋଲୋଜି, ଖାଦ୍ୟ ପ୍ରଯୁକ୍ତିବିଦ୍ୟା) ଏବଂ ବିସିଏ ସମେତ ବିଭିନ୍ନ ବିଭାଗରେ ୩୬୫ ଜଣ





ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ରୂପେ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆର ଆଞ୍ଚଳିକ ମୁଖ୍ୟ କୁନ୍ଦନ ସିହ୍ନା ଏବଂ ସମ୍ମାନିତ ଅତିଥି ରୂପେ ବଜାଜ ଫିନସର୍ଭର ସଞ୍ଜୟ କୁମାର ମିଶ୍ର ଏବଂ ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆର ମୁଖ୍ୟ ପରିଚାଳକ ପ୍ରଭାତ ମହାରଣା ଉଦ୍‌ଘାଟନ କରିଥିଲେ। ମିଟ୍ସ ଗ୍ରୁପର ଉପାଧ୍ୟକ୍ଷ ବିଶ୍ୱଜିତ ପଣ୍ଡା, ନିର୍ଦ୍ଦେଶକ ଡ. ଗୋପୀନାଥ ଏବଂ ପ୍ରିନ୍ସପାଲ ପ୍ରଫେସର ରାମାନୁଜ ନାୟକ ଯୋଗଦେଇଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରିଥିଲେ ।

## ମୁନିଗୁଡ଼ା ପୋଲିସ ତରଫରୁ ଖବରଦାତାଙ୍କୁ ସମ୍ବର୍ଦ୍ଧନା

ମୁନିଗୁଡା,୧୭।୧୧
(ନନ୍ଦ କିଶୋର ପଟ୍ଟନାୟକ)

ଜାତୀୟ ପ୍ରେସ୍ ଦିବସ ଅବସରରେ ମୁନିଗୁଡ଼ା ପୋଲିସ ପ୍ରଶାସନ ତରଫରୁ ଥାନା ପରିସରରେ ଖବରଦାତାମାନଙ୍କୁ ନେଇ ଏକ ବନ୍ଧୁମିଳନ ସହ ସୌଜନ୍ୟମୂଳକ ସାକ୍ଷାତ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସୌଦାମିନୀ ବେହେରାଙ୍କ



ପୋଲିସ ଅଧିକାରୀଙ୍କ ସହ ସମ୍ବର୍ଦ୍ଧିତ ଖବରଦାତା ।

ସଭାପତିତ୍ୱ ଓ ଏସଆଇ ବିକାଶ ଦେବନାଥଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଏସ୍‌ଡିପିଓ ସନ୍ତୋଷିନୀ ଓରାମ, ସମ୍ମାନିତ ଅତିଥିଭାବେ ପ୍ରେସ୍ କ୍ଲବ୍ ସଭାପତି ରାଜୀବ ଲୋଚନ ଦାସ, ସମ୍ପାଦକ ନନ୍ଦ କିଶୋର ପଟ୍ଟନାୟକ, ଉପସଭାପତି ମନୋରଞ୍ଜନ ଦଳାଇ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ସମାଜରେ ସାମ୍ବାଦିକଙ୍କ ଭୂମିକା, କର୍ତ୍ତବ୍ୟ ଓ ପୋଲିସ ସହ ସୁସମ୍ପର୍କକୁ ନେଇ ପ୍ରଶଂସା କରିଥିଲେ । ଏଥିସହ ସାମ୍ବାଦିକଙ୍କ ସାମାଜିକ କ୍ଷେତ୍ରରେ ଗଠନମୂଳକ ସହଯୋଗ ଓ ସଦିଚ୍ଛା କାମନା କରିଥିଲେ। ଏସ୍‌ଆଇ ଦେବନାଥ ଓ ସୁଶୀଲ ଜେନା ଖବରଦାତାମାନେ ବିଭିନ୍ନ ସମୟରେ ଖବର ପରିବେଷଣ କରିବା ବେଳେ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ପ୍ରକାଶ କରିଥିଲେ। ସେହିପରି ଖବରଦାତା ଦଳାଇ, ଦାସ, ଉମାକାନ୍ତ ନେମାଲପୁରୀ, ଗୁଡଲା ଚିନିପ୍ରକାଶ ପ୍ରମୁଖ ଖବର ଓ ଖବରଦାତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଚଳିତବର୍ଷ ମଧ୍ୟ ମୁଖ୍ୟ ଅତିଥି ଏସ୍‌ଡିପିଓ ଓରାମ ଓ ଥାନା ଅଧିକାରୀ ବେହେରା କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ଖବରଦାତାମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଶେଷରେ ଏସ୍‌ଆଇ ଦେବନାଥ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆବଶ୍ୟକ ସ୍ଥଳେ ଆନ୍ଦୋଳନ ପାଇଁ ପ୍ରସ୍ତୁତ ରହିବାକୁ ଗୁରୁତ୍ୱାରୋପ

### ଭାରତୀୟ ମଜଦୁର ସଂଘର ଜିଲାସ୍ତରୀୟ ବୈଠକ

ରାୟଗଡ଼ା,୧୭।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଭାରତୀୟ ମଜଦୁର ସଂଘ ପକ୍ଷରୁ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଭାରତୀୟ ମଜଦୁର ସଂଘର ଜିଲା ସଭାପତି ମୋହନ ରାଓ ମାଝୀ ଏବଂ ଜିଲା ସମ୍ପାଦକ ଗଣେଶ କୁମାର ସାହୁଙ୍କ ନେତୃତ୍ୱରେ ସ୍ଥାନୀୟ ଲାୟନ୍ସ କ୍ଲବ୍ ଠାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଂଘର ଉପସଭାପତି ଯୋଗେଶ୍ୱର ଦାସ ଯୋଗଦେଇ ସଂଘର ୭୦ ବର୍ଷ ପୂର୍ତ୍ତି ଉପଲକ୍ଷେ ନିଜର ବକ୍ତବ୍ୟ ରଖିବା ସହ କାର୍ଯ୍ୟରତ ଶ୍ରମିକଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ । ଏଥିସହିତ ଆବଶ୍ୟକ ସ୍ଥଳେ ଆନ୍ଦୋଳନ ପାଇଁ ପ୍ରସ୍ତୁତ ରହିବା ପାଇଁ ଗୁରୁତ୍ୱାରୋପ କରିଥିଲେ।





ବୈଠକରେ ଭାରତୀୟ ମଜଦୁର ସଂଘର କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

ଆସନ୍ତା ଡ଼ିସେମ୍ବରରେ ରାଜ୍ୟ ସଂଘ ନିଷ୍ପତ୍ତିକ୍ରମେ ୮ ରୁ ୧୦ ଲକ୍ଷ ଶ୍ରମିକ ସମାଜରେ ଜନସମ୍ପର୍କ ଅଭିଯାନ ସହିତ ସାମିଲ ହେବେ, ୨୦୨୫ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ମହିଳା ସମ୍ମିଳନୀ, ଯୁବ ସମ୍ମିଳନୀ କାର୍ଯ୍ୟକ୍ରମ କରିବା ପାଇଁ ଯୋଜନା ରହିଛି ବୋଲି ଯୋଗେଶ୍ୱର ସୂଚନା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ୍ , ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ, ଜେକେ ପେପର ମିଲ ମଜଦୁର ସଂଘ, ଇମ୍ଫା ଠିକା ମଜଦୁର ସଂଘ, ଉତ୍କଳ ଆଲୁମିନା ଠିକା ମଜଦୁର ସଂଘ, ପାଚିକା ସଂଘ, ସ୍ୱାବଲମ୍ବୀ କାରିଗର ସଂଘ ସମେତ ବିଭିନ୍ନ ସଂଘ ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଜିଲା ସଂଘର କାର୍ଯ୍ୟକାରୀ ସଭାପତି ଧର୍ମ ସିଂ ନାଗ , ଉପସଭାପତି ଦୁର୍ଗା ମାଧବ ଘୋଷ, ଉପସଭାନେତ୍ରୀ ଜୟନ୍ତୀ ପଦ୍ମାଳୟା ସାହୁ, ଉଷା ରାଣୀ ଦାଶ ଓ ଅନ୍ୟମାନେ ପରିଚାଳନା କରିଥିଲେ।

# ସ୍ୱାଭିମାନ ଅଞ୍ଚଳରୁ ୧୯୦ ମାତୃପିତୃହୀନ ଶିଶୁ ଚିହ୍ନଟ

ମାଲକାନଗିରି, ୧୭।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ଶିଶୁ ମଙ୍ଗଳ ସମିତି ଦ୍ୱାରା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରେ ୨ଦିନିଆ ମାତୃ ପିତୃହୀନ ଶିଶୁ ଚିହ୍ନଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାଭିମାନ ଅଞ୍ଚଳରୁ ୧୯୦ ଜଣ ପିତୃ ମାତୃହୀନ ଶିଶୁଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ଥଇଥାନ ଓ ଶିକ୍ଷା ବ୍ୟବସ୍ଥା କରାଯିବ ବୋଲି ଜଣାପଡ଼ିଛି।



ମାତୃପିତୃହୀନ ଶିଶୁ ଚିହ୍ନଟ କାର୍ଯ୍ୟକ୍ରମ ଚାଲିଛି।

ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ ସମିତିର ସଦସ୍ୟ କିଶୋର ଚନ୍ଦ୍ର ମହାରଣା, ବିଭୂତି ଭୂଷଣ ବେହେରା ଓ ସଦସ୍ୟା କୁଞ୍ଜଲତା ପ୍ରଧାନ ଯୋଗଦେଇ ମାତୃ ପିତୃହୀନ ଶିଶୁଙ୍କ ବର୍ତ୍ତମାନର ସାମାଜିକ ସ୍ଥିତି, ଶିକ୍ଷା ଓ ସ୍ୱାସ୍ଥ୍ୟଗତ ଅବସ୍ଥା ବିଷୟରେ ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ ମଙ୍ଗଳ ସମିତିର ପରାମର୍ଶକ୍ରମେ ଜିଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଏହି ମାତୃ ପିତୃହୀନ ଶିଶୁମାନଙ୍କୁ ଆବଶ୍ୟକୀୟ

**ସେମାନଙ୍କ ଥଇଥାନ, ଶିକ୍ଷା ବ୍ୟବସ୍ଥା କରାଯିବ**

ଥଇଥାନ, ପାଠପଢ଼ା ଓ ସରକାରଙ୍କ ବିଭିନ୍ନ ଯୋଜନାର ସୁବିଧା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନା କରିବାରେ ସ୍ଥାନୀୟ ଅଙ୍ଗନୱାଡି କର୍ମୀ, ଆଇ.ସି.ଡ଼ି.ଏସ. ସୁପରଭାଇଜର ଓ ସ୍ଥାନୀୟ ଲୋକପ୍ରତିନିଧିମାନେ ସହାୟତା କରିଥିଲେ। ଗଙ୍ଗାଧର ଶବର, ଶିବ ଚରଣ ରାଜଲକ୍ଷ୍ମୀ ପ୍ରଧାନ, ଚାଇଲ୍ଡ ଲାଇନର କର୍ମକର୍ତ୍ତା ଓ ଜିଲା ସଂଯୋଜିକା ଆକ୍ସନଏଡ୍ ସୁସ୍ମିତା କର ସହାୟତା କରିଥିଲେ।

# ତାର୍ଲାକୋଟା ନଦୀରେ ବୁଡ଼ି ବୃଦ୍ଧ ମୃତ

କୋରୁକୋଣ୍ଡା, ୧୭।୧୧ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅଧୀନ ଚିତାପାରି-୩ ପଞ୍ଚାୟତର ଏମ୍‌ଭି-୩୭ ନମ୍ବର ଗ୍ରାମ ନିକଟରେ ଥିବା ତାର୍ଲାକୋଟା ନଦୀରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନନି କର୍ମକାର (୬୫)। ଓର୍କେଲ ଥାନା ଏସ୍‌ଆଇ ମନୋହର ସାହୁଙ୍କ ନେତୃତ୍ୱରେ ପୋଲିସ ଟିମ୍ ଶନିବାର ସନ୍ଧ୍ୟାରେ ଘଟଣାସ୍ଥଳରେ ପହଞ୍ଚି ନଦୀରୁ ମୃତ ଶରୀର ଜବତ କରି ବ୍ୟବଚ୍ଛେଦ ପାଇଁ ମାଲକାନଗିରି ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ରବିବାର ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ କହିଛି।

ଓର୍କେଲ ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ନନି କର୍ମକାରଙ୍କ ଘର ପଶ୍ଚିମବଙ୍ଗର କୋଲକାତା ଅଞ୍ଚଳରେ। ସେ ଆଜକୁ ପ୍ରାୟ ୧୫ ବର୍ଷ ପୂର୍ବେ ତାଙ୍କ ସ୍ତ୍ରୀ ସବିତା କର୍ମକାରଙ୍କ ସହ ଏମ୍‌ଭି-୧୦୮ ଗ୍ରାମରେ ରହୁଥିଲେ। କିଛିଦିନ ପୂର୍ବେ ନନି କର୍ମକାର ପକ୍ଷାଘାତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ଔଷଧ ପତ୍ର ଖାଇ କିଛିଦିନ ପୂର୍ବେ ଟିକେ ସୁସ୍ଥ ହୋଇଥିଲେ। ଶନିବାର ସେ ତାର୍ଲାକୋଟା ସାପ୍ତାହିକ ହାଟକୁ ଆସି ଘରକୁ ଫେରିବା ସମୟରେ ରାସ୍ତା ପାର୍ଶ୍ୱରେ ପ୍ରବାହିତ ହେଉଥିବା ତାର୍ଲାକୋଟା ନଦୀକୁ ଶୌଚ ହେବାକୁ ଯାଇଥିଲେ। ସେଠାରେ କୌଣସି କାରଣରୁ ଭାରସାମ୍ୟ ହରାଇ ପାଣିରେ ବୁଡି ଯାଇଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳବାସୀ ଦେଖିବା ପରେ ସେମାନେ ପୋଲିସ ଓ ତାଙ୍କ ସ୍ତ୍ରୀଙ୍କୁ ଜଣାଇଥିଲେ। ଏ ନେଇ ନନିଙ୍କ ସ୍ତ୍ରୀ ସବିତା ଓର୍କେଲ ଥାନାରେ ଲିଖିତ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତିକରି ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କେସ୍ ନମ୍ବର ୩୧/୨୦୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏଏସଆଇ ରାଜେନ୍ଦ୍ର ଖିଲ ଘଟଣା ଉପରେ ନଜର ରଖିଥିବା ଥାନା ଅଧିକାରୀ ପଟ୍ଟନାୟକ କହିଛନ୍ତି।

# ବରଗଡ଼କୁ ହରାଇ ସୋନପୁର ବିଜୟୀ



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ମାଲକାନଗିରି, ୧୭।୧୧ (ଦୁର୍ଯ୍ୟୋଧନ ପାତ୍ର)

**ମା' ଭୈରବୀ ଆନ୍ତଃରାଜ୍ୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ମାଲକାନଗିରି ଜିଲା ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ମାସ୍ଥିତ ଭୈରବୀ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଦୀର୍ଘ ୭ ଦିନ ଧରି ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଅନୁଷ୍ଠିତ ଫାଇନାଲ ମ୍ୟାଚରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ପରସ୍ପରକୁ ଗୋଟିଏ ଲେଖାଏ ଗୋଲ ଦେଇଥିବାରୁ ମ୍ୟାଚ୍ ଅମୀମାଂସିତ ରହିଥିଲା। ପରେ ସୋନପୁର ଦଳ ପେନାଲ୍ଟି ସୁଟ୍‌ଆଉଟ୍ ଜରିଆରେ ବରଗଡ ଦଳକୁ ୪-୨ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁକୁମା ଜିଲା ପରିଷଦ ଅଧ୍ୟକ୍ଷ ହରିଶ କବାସୀ, ମୁଖ୍ୟବକ୍ତା ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ସମ୍ମାନିତ ଅତିଥି ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିମ୍ବ କିର୍ସାନୀ, ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, ଖଇରପୁଟ ଜିଲା ପରିଷଦ ସଭ୍ୟ ବଳୀ ମାଝୀ, ମାଲକାନଗିରି ଜିଲା ପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଅନୁଗୁ, ଚିତ୍ରକୋଣ୍ଡା ଜିଲା ପରିଷଦ ସଭ୍ୟା ବିନତୀ ଖିଲ, ପଡିଆ ସରପଞ୍ଚ ଏମ୍.ଡି. ଫାରୁକ୍, କୁଡୁମୁଲୁଗୁମା ସରପଞ୍ଚ ମଙ୍ଗଳା ମାଡ଼ି, ଗୋବିନ୍ଦପାଲ୍ଲୀ ସରପଞ୍ଚ ଶ୍ରୀନିବାସ ମୁଦୁଲି, ସମାଜସେବୀ ସାଧୁ ହନ୍ତାଳ ପ୍ରମୁଖ ଯୋଗଦେଇଥିଲେ। ଟୁର୍ନାମେଣ୍ଟକୁ ସତବିର ସିଂ ରିଆର(ପପୁ), ଗରିବ ବେହେରା, ଲଳିତ ରାଉତ, ସୂର୍ଯ୍ୟ ପଲାସୀ, ଶତ୍ରୁଘ୍ନ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ମା' ଭୈରବୀ ସ୍ପୋର୍ଟିଂ କ୍ଲବର ସଂଯୋଜକ ଦିବାକର ସୁନା, ହେମନ୍ତ କୁମାର ଦାସ, ଗୋପୀ ପାଙ୍ଗୀ, ସଦସ୍ୟ ଦେବେନ୍ଦ୍ର ରାଉତ, ଚିତ୍ତରଞ୍ଜନ ପଟ୍ଟନାୟକ, ବାଳକୃଷ୍ଣ ପ୍ରଧାନ, ମନୁଆର ବାସା, ହୃଷୀକେଶ ସେଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ୧୫ ବର୍ଷରୁ କମ୍ ଭାରତୀୟ ମହିଳା କ୍ରିକେଟ ଦଳରେ ଖେଳିବେ ଚିରାଶ୍ରୀ

ସୁନାବେଡା, ୧୭।୧୧ (କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସେମିଳିଗୁଡାସ୍ଥିତ ଡି ମାଉଣ୍ଟ ଭେଲି ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ଚିରାଶ୍ରୀ ରାଉତ ୧୫ ବର୍ଷରୁ କମ ଭାରତୀୟ ମହିଳା କ୍ରିକେଟ ଦଳରେ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ପ୍ରକାଶଥାଉ କି ନଭେମ୍ବର ୧୧ରୁ ୧୪ ତାରିଖ ଚାରିଦିନ ଧରି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ କଟକ ରେଭେନଶା କ୍ରିକେଟ ଗ୍ରାଉଣ୍ଡରେ ୧୫ ବର୍ଷରୁ କମ୍ ମହିଳା ଫାଇନାଲ ଟ୍ରାଏଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ଖେଳରେ ସୁନାବେଡା ହାଲ୍ ଅଞ୍ଚଳର ଚିରାଶ୍ରୀ ଅଂଶଗ୍ରହଣ କରିଥିଲେ।



ସେ ବ୍ୟାଟିଂରେ ବ୍ୟକ୍ତିଗତ ଭାବେ ୨୬ ରନ କରିବା ସହ ବୋଲିଂରେ ଗୋଟିଏ ଉଇକେଟ୍ ନେଇ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ମନୋନୀତ ହୋଇଛନ୍ତି। ତାଙ୍କ ବାପା ମିହିର ରାଉତ ହାଲ୍ କର୍ମଚାରୀ ହୋଇଥିବା ବେଳେ ମା' ଆଲସ୍ମିତା ଜଣେ ଗୃହିଣୀ। ବାସଭବନ ପାର୍ଶ୍ୱରେ ଝିଅର କ୍ରିକେଟ ଖେଳିବା ଆଗ୍ରହକୁ ନେଇ ଗୋଟିଏ ନେଟ୍ ବାନ୍ଧି ପ୍ରଶିକ୍ଷଣ ଦେଉଥିଲେ। କବିର ଖରା ଓ ନବୀନ ଶବର ୨ ଖେଳାଳି ଚିରାଶ୍ରୀଙ୍କୁ ପ୍ରଶିକ୍ଷଣରେ ସହଯୋଗ କରୁଥିଲେ। ଚିରାଶ୍ରୀ ଅନ୍ୟ ଖେଳାଳିଙ୍କ ସହ ନଭେମ୍ବର ୨୧ରେ ରାୟପୁର ଭିଲାଇରେ ହେବାକୁ ଥିବା ମ୍ୟାଚ୍‌ରେ ଖେଳିବା ପାଇଁ ଯିବେ।

# ଅର୍ଜିତ ବକ୍ସିଂ ସଂଘ ଉଦ୍‌ଘାଟିତ

ଜୟପୁର, ୧୭।୧୧ (ପବନ ପାଣିଗ୍ରାହୀ)

ଜୟପୁର ହନୁମାନ ବିହାର ପାୱାର ହାଉସରେ ଅର୍ଜିତ ବକ୍ସିଂ ସଂଘ ରବିବାର ଉଦଘାଟିତ ହୋଇଯାଇଛି। କୋରାପୁଟ ଜିଲା ଆମେଚ୍ୟୁର ବକ୍ସିଂ ସଂଘ ପକ୍ଷରୁ ଜିଲା ଜଙ୍ଗଲ ବିଭାଗ ଅଧିକାରୀ ପ୍ରତାପ ବେହେରା ଉଦଘାଟନ କରିଥିଲେ। ନନ୍ଦପୁର ଥାନା ଅଧିକାରୀ ମମତା ପଣ୍ଡା, କ୍ରୀଡ଼ା ସମ୍ପାଦକ ରବି ନାୟକ ଓ ଶଶୀ ଭୂଷଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କୋରାପୁଟ ଜିଲା ଜୟପୁର ପୁରୁଣାଗଡ଼ ବାସିନ୍ଦା ଅର୍ଜିତ ମହାପାତ୍ର ୨୦୧୬ରେ ଜିଲାସ୍ତରୀୟ ବକ୍ସିଂରେ ରୌପ୍ୟ,୨୦୧୭ରେ ବ୍ରହ୍ମପୁରରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ, ୨୦୧୮ରେ ଚେନ୍ନାଇରେ ଜାତୀୟସ୍ତରୀୟରେ ସ୍ୱର୍ଣ୍ଣ ଓ





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଆହ୍ଲାବାଦରେ ସିନିୟର୍ ବକ୍ସିଂରେ ରୌପ୍ୟ ପଦକ ହାସଲ କରିଥିଲେ। ଜିଲାରେ ତାଙ୍କର ପ୍ରଚାର ପ୍ରସାର ହୋଇ ପାରୁ ନ ଥିବା ବେଳେ ସଭାପତି ଦାଶ ଓ ସମ୍ପାଦକ ବିପିନ ବିହାରୀ ମହାପାତ୍ରଙ୍କ ଉଦ୍ୟମରେ ଅର୍ଜିତ ବକ୍ସିଂକୁ ଉଦଘାଟନ କରାଯାଇଛି। ଉତ୍ସବରେ ଉପଦେଷ୍ଟା ସୁନାକର ରାଉତ, କୋଷାଧ୍ୟକ୍ଷ ପବନ ପାଣିଗ୍ରାହୀ, ଉପସଭାପତି ସୁପ୍ରିତ୍ ପୁଜାରୀ, କେଦାର ଗୌରୀ ଦାଶ, ତେଜେଶ୍ୱର ପଣ୍ଡା, ବୃନ୍ଦାବନ ପଣ୍ଡା, ଇନ୍ଦ୍ର ପ୍ରଧାନ, ବିକାଶ ମିଶ୍ର, ସୂର୍ଯ୍ୟ ଗାଦବା ଓ କାର୍ଯ୍ୟକାରୀ ସଦସ୍ୟ ଉପସ୍ଥିତ ଥିଲେ।

# ତରୁଣ ପ୍ରଜ୍ଞା ଭାରତୀ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

ଜୟପୁର, ୧୭।୧୧ (ପବନ ପାଣିଗ୍ରାହୀ)

ଜୟପୁର ଏନ୍‌କେଟି ରୋଡସ୍ଥିତ ନାରାୟଣୀ ଇଂଲିଶ ମିଡିୟମ ବିଦ୍ୟାଳୟ ପରିସରରେ ତରୁଣ ପ୍ରଜ୍ଞା ଭାରତୀ ଅନୁଷ୍ଠାନ ପକ୍ଷରୁ ଦୌଡ଼ ଡିଆଁ, ଧୀରଚକ୍ରିକା ଓ ପୁଚି ଖେଳ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିଲେ। ଅନୁଷ୍ଠାନର ସଭାପତି ତପନ କିରଣ ତ୍ରିପାଠୀ, ଉପସଭାପତି ରାମ ଶଙ୍କର ଷଡଙ୍ଗୀ, ସହସମ୍ପାଦକ ଅଜୟ କୁମାର ମଲିକ, କୋଷାଧ୍ୟକ୍ଷ ରବୀନ୍ଦ୍ର ମହାରଣା, ସବିତା ତ୍ରିପାଠୀ ଓ ଲିପିକା ଦଳାଇ ପରିଚାଳନା କରିଥିଲେ। ଏଥିରେ ନିରଞ୍ଜନ ପାଣିଗ୍ରାହୀ ଓ ଜାନକୀ ପାଣିଗ୍ରାହୀ ଅନ୍ୟମାନଙ୍କ ସହ ପ୍ରମୁଖ ବିଚାରକ ଭାବେ ଯୋଗଦାନ କରିଥିଲେ। ନଭେମ୍ବର ୨୩ରେ ଲୋକନୃତ୍ୟ, ଓଡ଼ିଶୀ ଓ ଝୋଟି ପ୍ରତିଯୋଗିତା ପଞ୍ଚାନନ ମନ୍ଦିର ପ୍ରାଙ୍ଗଣରେ ଏବଂ ନଭେମ୍ବର ୨୪ରେ ଶିଶୁଗୀତ, ବନବାସୀ ସଙ୍ଗୀତ ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ବିଦ୍ୟାଳୟରେ ଅନୁଷ୍ଠିତ ହେବ। ବାର୍ଷିକ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ସଭାପତି ତ୍ରିପାଠୀ କହିଛନ୍ତି।

# ଖବରଦାତା ସମାଜର ଦର୍ପଣ

ଦାମନଯୋଡି, ୧୭।୧୧ (ମାନସ ରଞ୍ଜନ କର)

**ଜାତୀୟ ପ୍ରେସ୍ ଦିବସ ପାଳିତ**

ଦାମନଯୋଡି ନାଲ୍‌କୋ କମ୍ୟୁନିଟି ସେଣ୍ଟର ପରିସରରେ ଉତ୍କଳ ସାମ୍ବାଦିକ ସଂଘ, ମିଡିଆ ହାଉସ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ନାଲ୍‌କୋ କମ୍ୟୁନିଟି ସେଣ୍ଟର ପରିସରରେ ପାଳିତ ହୋଇଯାଇଛି। ମିଡିଆ ହାଉସର ସଭାପତି ନରସିଂହ ବ୍ରହ୍ମା, ନାଲ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ. ନିରଞ୍ଜନ ସାମଲ, କୋରାପୁଟ ଜିଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି କେ.ଶ୍ରୀନିବାସ ରାଓ, ନାଲ୍‌କୋର ଜିଜିଏମ୍ ସରୋଜ କୁମାର ନାଥ, ମହାପ୍ରବନ୍ଧକ ଚନ୍ଦ୍ରମୋହନ ମହନ୍ତ ଓ ଦାମନଯୋଡି ଥାନା ଅଧିକାରୀ ପ୍ରମିଳା ବିଡ଼ିକା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କୋରାପୁଟ ଜିଲାର ବିଭିନ୍ନ ଅଞ୍ଚଳରୁ କାର୍ଯ୍ୟରତ ଖବରଦାତା ଉପସ୍ଥିତ ଥିଲେ। ସମାଜରେ ତୃଣମୂଳସ୍ତରରୁ ଆରମ୍ଭ କରି ସମସ୍ତ ଟିକିନିଖି ଖବରକୁ ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଖବରଦାତାମାନେ ନିଃସ୍ୱାର୍ଥପର ଭାବେ ଦର୍ପଣ ସଦୃଶ କାର୍ଯ୍ୟ କରିଥାନ୍ତି ବୋଲି ଅତିଥିମାନେ କହିଛନ୍ତି। ନାଲ୍‌କୋରୁ ଅବସର ନେବାକୁ ଥିବା ଜିଜିଏମ୍ ନାଥଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।





କାର୍ଯ୍ୟକ୍ରମରେ ନାଲ୍‌କୋ ଇଡି ନିରଞ୍ଜନ ସାମଲ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

# ଜାତୀୟସ୍ତର କ୍ରୀଡ଼ାରେ ଡିପିଏସ୍ ଛାତ୍ରଙ୍କ ସଫଳତା

ଦାମନଯୋଡ଼ି, ୧୭।୧୧ (ମାନସ ରଞ୍ଜନ କର)

ଦାମନଯୋଡ଼ି ନାଲ୍‌କୋ ଟାଉନଶିପସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲ ଛାତ୍ର ଅର୍ଚ୍ଚିତ ଅରିନ୍ଦମ





କୋଚ୍ ନବକିଶୋର ପଣ୍ଡାଙ୍କ ସହ ଅର୍ଚ୍ଚିତ।

ନାୟକ ଆନ୍ତଃ ଜାତୀୟସ୍ତର କ୍ରୀଡ଼ା ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଗ୍ରେଟ୍ ନୋଏଡା ଦିଲ୍ଲୀ ପବ୍ଲିକ୍ ସ୍କୁଲରେ ନଭେମ୍ବର ୧୫ ଓ ୧୬ରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାରେ ଲମ୍ବଡିଆଁରେ ଅର୍ଚ୍ଚିତ ତୃତୀୟ ସ୍ଥାନରେ ରହିଥିଲେ। କୋଚ ନବକିଶୋର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅର୍ଚ୍ଚିତଙ୍କ ସହ ଅନ୍ୟ ୪ ଛାତ୍ର ଭବତୋଷ ପଣ୍ଡା,ଅନିମେଷ ପଢିଆରୀ, ବିବେକ ପଟ୍ଟନାୟକ ଓ ଶୁଭମ ପାଟଯୋଷୀ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିଲେ। ଜାତୀୟସ୍ତରରେ ଅର୍ଚ୍ଚିତଙ୍କ ସଫଳତା ପାଇଁ ଦାମନଯୋଡ଼ି ଡିପିଏସ୍‌ର ଭାରପ୍ରାପ୍ତ ଅଧ୍ୟକ୍ଷା ସୁଶ୍ରୀ ସୁଜାତା ପାଣି ଶୁଭେଚ୍ଛା ଜଣାଇଛନ୍ତି।

# ଓଡ଼ିଶା ୟୁନିୟନ ଅଫ ଜର୍ନାଲିଷ୍ଟ ବୈଠକ

କୋରାପୁଟ, ୧୭।୧୧ (ଅମିତାଭ ବେହେରା)

କୋରାପୁଟରେ ଓଡ଼ିଶା ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ(ଓୟୁଜେ) ଜିଲା ଶାଖାର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଦିଲୀପ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଡିସେମ୍ବର ୧ରେ ସଂଘର ଦ୍ୱିବାର୍ଷିକ ନିର୍ବାଚନ କରିବା ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା। ପୂର୍ବ କର୍ମକର୍ତ୍ତାମାନେ ଇସ୍ତଫା ପ୍ରଦାନ କରିଥିଲେ। ନିର୍ବାଚନ ପରିଚାଳନା ପାଇଁ ଆଇନ ପରାମର୍ଶଦାତା ଜୟନ୍ତ ମିଶ୍ର ଏବଂ ବାଲା ରାୟଙ୍କୁ ଦାୟିତ୍ୱ ଦିଆଯାଇଥିଲା। କର୍ମକର୍ତ୍ତା ଚୟନ କମିଟିର ଅଧ୍ୟକ୍ଷ ଭାବେ ଓୟୁଜେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ମନୋଜ ପଟ୍ଟନାୟକ, ସଦସ୍ୟତା ଯାଞ୍ଚ କମିଟି ଅଧ୍ୟକ୍ଷ ରଞ୍ଜନ ଦାସ, ଅର୍ଥ କମିଟି ମୁଖ୍ୟ ଦିଲୀପ ମହାନ୍ତିଙ୍କୁ ବୈଠକରେ ଦାୟିତ୍ୱ ଦିଆଯାଇଛି। ସଂଘର ପରାମର୍ଶଦାତା ଭବାନୀ ମିଶ୍ର, ପରୀକ୍ଷିତ ବିଶ୍ୱାଳ, ଶୃଙ୍ଖଳା କମିଟି ଅଧ୍ୟକ୍ଷ ଶଶୀଧର ରାଉତ, ବରିଷ୍ଠ ସଦସ୍ୟ ସୁରେଶ କୁମାର ନାଇଡୁ, ଅମିତାଭ ବେହେରା,ସିଏଚ୍ ଭଗବତୀ ଆଚାରୀ, ତ୍ରିଲୋଚନ ମହାରଣା, ଅରୁଣ କୁମାର ଦାସ, ସୌମ୍ୟ ରଞ୍ଜନ ସାହୁ, ଶରତ କୁମାର ଧଳ, ତୁଷାର କାନ୍ତ ମହାନ୍ତି ଓ ତ୍ରିନାଥ ଖରା ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଯୋଗଦେଇଥିବା ଓଡିଶା ୟୁନିଅନ ଅଫ ଜର୍ନାଲିଷ୍ଟ ଜିଲା ଶାଖାର କର୍ମକର୍ତ୍ତା।

# ସେଲ୍‌ସ ରିପ୍ରେଜେଣ୍ଟେଟିଭ ୟୁନିୟନର ଜିଲା ସମ୍ମିଳନୀ

ଜୟପୁର, ୧୭।୧୧ (ପବନ ପାଣିଗ୍ରାହୀ)

ଜୟପୁର ଶ୍ରମିକ କର୍ମଚାରୀ ଭବନ ପରିସରରେ ଓଡ଼ିଶା ହୋଲ୍‌ସେଲ ରିପ୍ରେଜେଣ୍ଟେଟିଭ ୟୁନିୟନର ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଗଠନ ସଭାପତି କୃଷ୍ଣଚନ୍ଦ୍ର ସାମନ୍ତରାୟ, ସମ୍ପାଦକ ରଞ୍ଜନ କୁମାର ମିଶ୍ର, କୋଷାଧ୍ୟକ୍ଷ ସନ୍ତୋଷ କୁମାର ଦଳେଇ ଓ ଡା. କେଦାର ନାଥ ଚୌଧୁରୀ ଯୋଗ ଦେଇଥିଲେ। ଶ୍ରମିକ କର୍ମଚାରୀ ସମନ୍ୱୟ ସମିତିର ଉପସଭାପତି ନଳିନୀ ରଥ ଏବଂ ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ନୃସିଂହ ପ୍ରସାଦ ବ୍ରହ୍ମା ଓ ରାଜ୍ୟ ସମ୍ପାଦକ ଲକ୍ଷ୍ମଣ କୁମାର ମିଶ୍ର ସମ୍ମିଳନୀରେ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ମାରଣ ନୀତିକୁ ବିରୋଧ କରିଥିଲେ। ଶୂନ ପ୍ରତିଶତ ଜିଏସ୍‌ଟି ସମସ୍ତ ଔଷଧ ଉପରେ ଲାଗୁ କରିବା, ଏହାର ମୂଲ୍ୟ ପ୍ରସ୍ତୁତି ଧାର୍ଯ୍ୟ କରିବା ଏବଂ ରାଷ୍ଟ୍ରାୟତ୍ତ ଔଷଧ ଶିଳ୍ପଗୁଡିକୁ ପୁନରୁଦ୍ଧାର କରିବା ଆଦି ଉପରେ ଆଲୋଚନା କରିଥିଲେ। ଜିଲା ସଭାପତି ଭାବେ ସରୋଜ କୁମାର ପଟ୍ଟନାୟକ, ଜିଲା ଉପସଭାପତି ଯୋଗେନ ଚୌଧୁରୀ, ଜିଲା ସମ୍ପାଦକ ରଞ୍ଜନ ମିଶ୍ର ଏବଂ କୋଷାଧ୍ୟକ୍ଷ ସନ୍ତୋଷ ଦଳେଇ ନିର୍ବାଚିତ ହୋଇଥିଲେ। ଏଥିସହ ନୂତନ କମିଟି ସଦସ୍ୟ ଭାବେ ମୋହନ ପାତ୍ର, ଦେବାଶିଷ ମିଶ୍ର, ଆଶିଷ ସାହୁ, ଶିବଶଙ୍କର ପାତ୍ର, ପ୍ରିନ୍ସ କିଲାଡ଼ି, କୃଷ୍ଣଚନ୍ଦ୍ର ସାମନ୍ତରାୟ, ବିକାଶ ଗୌଡ, ରବୀନ୍ଦ୍ର ପ୍ରଧାନ, ଅହମଦ ରାଜା, ସୁମନ ସାହୁ, ପବନ କୁମାର ଓ ନିକୁଞ୍ଜ ସାହୁଙ୍କୁ ଚୟନ କରାଯାଇଥିଲା।





ସମ୍ମିଳନୀରେ ଯୋଗ ଦେଇଥିବା ସଦସ୍ୟମାନେ।

# ମରଣଯନ୍ତା ପାଲଟିଛି ବାଲିମେଳା-ଚିତ୍ରକୋଣ୍ଡା ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱ

**ନୀରବଦ୍ରଷ୍ଟା ସାଜିଛନ୍ତି ବିଭାଗୀୟ କର୍ତ୍ତୃପକ୍ଷ**

କୋରୁକୋଣ୍ଡା, ୧୭।୧୧ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳାଠାରୁ ଚିତ୍ରକୋଣ୍ଡାକୁ ସଂଯୋଗ କରୁଥିବା ମୁଖ୍ୟ ରାଜରାସ୍ତାର ଉଭୟ ପାର୍ଶ୍ୱରେ ମାଟି ଧୋଇ ହୋଇଯିବା ସହ ବିରାଟକାୟ ଖାଲଖମା ସୃଷ୍ଟି ହୋଇଛି। ମାଲକାନଗିରି ଜିଲାଠାରୁ ଚିତ୍ରକୋଣ୍ଡା ବ୍ଲକ ସଦରମହକୁମା ଓ ସୀମାନ୍ତ ରାଜ୍ୟ ଆନ୍ଧ୍ରପ୍ରଦେଶକୁ ଯୋଗାଯୋଗ ନିମନ୍ତେ ଏହି ଏକମାତ୍ର ରାସ୍ତା ଉପରେ ଲୋକେ ନିର୍ଭରଶୀଳ। ବିପଦସଙ୍କୁଳ ଅବସ୍ଥାରେ ଥିବା ଏହି ମୁଖ୍ୟ ରାସ୍ତା ଦେଇ ଦୈନିକ ମାଲକାନଗିରି ଜିଲା ସମେତ ଆଖପାଖ ରାଜ୍ୟର ଶତାଧିକ ଯାନବାହନ ବିପଜ୍ଜନକ ଭାବେ ଯାତାୟାତ କରୁଛନ୍ତି। ଏହା ଏକ ଘାଟି ରାସ୍ତା ହୋଇଥିବାବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଖାଲ ସୃଷ୍ଟି ହୋଇଛି ; ଯାହାକି ଦୁର୍ଘଟଣାର ଏକ ମୁଖ୍ୟ କାରଣ ପାଲଟିଛି। ଏପରି କି ଅଧିକାଂଶ ଖାଲର ଗଭୀର ପ୍ରାୟ ୧ ଫୁଟରୁ ଅଧିକ ହୋଇଥିବା ଦେଖିବାକୁ ମିଳିଛି। ରାସ୍ତାର ଏଭଳି ଅସ୍ଥା ଯୋଗୁ ପ୍ରତ୍ୟେକ ଦିନ ଯାତାୟାତ କରୁଥିବା ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତଥାପି କୌଣସି ଉପାୟ ନ ପାଇ ସେମାନେ ନିଜ ଜୀବନକୁ ବାଜି ଲଗାଇ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି ବୋଲି କେତେକ ଗାଡ଼ି ଚାଳକ ଓ ଯାତ୍ରୀ କହି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ରାସ୍ତା ମରାମତି କରିବା ନିମନ୍ତେ ଅଞ୍ଚଳବାସୀଙ୍କ ପକ୍ଷରୁ ବହୁବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଥିଲେ ବି କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଏ ନେଇ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ସଂଗ୍ରାମ ମାରାଣ୍ଡିଙ୍କୁ ପଚାରିବାରୁ ସେ ଉକ୍ତ ଘଟଣାକୁ ସ୍ୱୀକାର କରିବା ସହ ଏହି ରାସ୍ତା ନିମନ୍ତେ ଟେଣ୍ଡର ହୋଇସାରିଛି। ଖୁବ୍‌ଶୀଘ୍ର ଏହାର ମରାମତି କରିବା ନିମନ୍ତେ ଏକ ଠିକାସଂସ୍ଥାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମତପ୍ରକାଶ କରିଛନ୍ତି।



# 'ଦୃଢ଼ ଇଚ୍ଛାଶକ୍ତି ରଖି ଆଧୁନିକ ସମାଜରେ ଆଗକୁ ବଢ଼'

## ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସରଗିଫୁଲ ଉଦ୍‌ଘାଟିତ

ପାପଡ଼ାହାଣ୍ଡି/ ନବରଙ୍ଗପୁର, ୧୭।୧୧
(ସ୍ୱପ୍ନଜିତ ପଟ୍ଟନାୟକ/ସଦାଶିବ ପ୍ରହରାଜ)

ଅନୁସୂଚିତ ଜାତି, ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ନବରଙ୍ଗପୁର ଜିଲାସ୍ତରୀୟ ଶିଶୁ ମହୋତ୍ସବ ସରଗିଫୁଲ କାର୍ଯ୍ୟକ୍ରମ ପାପଡ଼ାହାଣ୍ଡିସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ରବିବାର ଉଦ୍‌ଘାଟିତ ହୋଇଛି। ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି, ଏସ୍‌ପି ମିହିର



ସରଗିଫୁଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।


ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ପଣ୍ଡା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ରାଜୀବ ଲୋଚନ ସାହୁ, ଡିଇଓ ଛତ୍ରପତି ସାହୁ, କଳାହାଣ୍ଡି ଶିକ୍ଷା ମଣ୍ଡଳାଧୀଶ କମଳାକାନ୍ତ ପ୍ରହରାଜ, ଜିଲା ଶିକ୍ଷା ନିରୀକ୍ଷକ କୈଳାସ ଚନ୍ଦ୍ର ମହାରଣା, ବିଡିଓ କପିଳଦେବ ସାହୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ବ୍ଲକ ମଙ୍ଗଳ ଅଧିକାରୀ ଦେବବ୍ରତ ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ଜ୍ଞାନ ଆହରଣ ସହ ନିଜ ସଂସ୍କୃତିକୁ ବଞ୍ଚାଇବା ଏବଂ ନିଜ ନିଜ ମଧ୍ୟରେ ରହିଥିବା ଲୁକ୍କାୟିତ ପ୍ରତିଭାକୁ ଉନ୍ମୋଚନ କରିବା ଏହାର ମୂଳ ଉଦ୍ଦେଶ୍ୟ ବୋଲି ଜିଲାପାଳ କହିଥିଲେ। ନିଜ ଦୃଢ଼ ଇଚ୍ଛାଶକ୍ତି ବଳରେ ଆଗକୁ ବଢ଼ିବାକୁ ଜିଲାପାଳ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କରିଥିଲେ। ଆଧୁନିକ ସମାଜ ସହ ତାଳଦେଇ ଦୃଢ଼ ଓ ନିରନ୍ତର ପ୍ରୟାସ ସହିତ ନିଜ ନିଜ ଲକ୍ଷ୍ୟ ପୂରଣ ଦିଗରେ ଆଗେଇବାକୁ ସେ ପରାମର୍ଶ ଦେଇଥିଲେ। ନିଜ ନିଜ ପ୍ରତିଭା ବିଶ୍ୱ ଦରବାରରେ ପ୍ରଦର୍ଶନ କରିବା ପାଇଁ ଏହା ଗୋଟିଏ ସୁଯୋଗ ବୋଲି ଏସ୍‌ପି ଛାତ୍ରୀଛାତ୍ରଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ଜିଲା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ୧୦୧ ବିଦ୍ୟାଳୟରୁ ୩ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଛନ୍ତି। ଜିଲାପାଳ ଓ ଏସ୍‌ପି ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିବା ସହ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ଅନ୍ୱେଷା ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। କବି ରତିକାନ୍ତ ଦୁବେ ସର୍ଗିଫୁଲ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ରତିକାନ୍ତ ଦୁବେ ମଞ୍ଚ ପରିଚାଳନା କରିଥିଲେ। ତେନ୍ତୁଲିଖୁଣ୍ଟି ବ୍ଲକ ମଙ୍ଗଳ ଅଧିକାରୀ ଜଗନ ମୋହନ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଦିବସରେ ବରିଷ୍ଠ ଓ କନିଷ୍ଠ ବର୍ଗର ଭଲିବଲ, ସାଧାରଣ ଜ୍ଞାନ, ସଙ୍ଗୀତ, ବକ୍ତୃତା ପ୍ରତିଯୋଗତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ଥାନାଧିକାରୀ ଦୀପକ କୁମାର ଜେନା, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର ଅତିଥିଭାବେ ଉପସ୍ଥିତ ଥିଲେ। ଜିଲାର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ, ଅନ୍ୟ କର୍ମଚାରୀ ଓ ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଦୈନିକ ଗୀତାର ଗୋଟିଏ ଲେଖାଏ ଶ୍ଳୋକ ପଢ଼

## ଗୀତା ଜ୍ଞାନ ପ୍ରତିଯୋଗିତା କାର୍ଯ୍ୟକ୍ରମ


ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ରାଇଘର,୧୭।୧୧ (କିରଣ ପଟ୍ଟନାୟକ)

ରାଇଘରସ୍ଥିତ ରାଜୀବ ସ୍ମୃତି ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଗୀତା ଜ୍ଞାନ ପ୍ରତିଯୋଗିତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଇଘର କଲେଜ ଅଧ୍ୟକ୍ଷ ପରିକ୍ଷିତ ସାହୁ, ପ୍ରଜ୍ଞାନ ମିଶନ ସଂଯୋଜକ ଆଇନଜୀବୀ କିରଣ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସଂସ୍କୃତିପ୍ରେମୀ ଅଜୟ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ପ୍ରୀତିସ୍ନିଗ୍ଧା ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଉମରକୋଟରୁ ଆସିଥିବା ବିଶ୍ୱ ହିନ୍ଦୁ ପରିଷଦ ନବରଙ୍ଗପୁର ଜିଲା ସଭାପତି କୃପାରାମ ସାହୁ, କାର୍ଯ୍ୟକାରୀ ସଭାପତି ସୁନୀଲ ବେହେରା, ଜିଲା ସମ୍ପାଦକ ବାଳକୃଷ୍ଣ ପଟ୍ଟନାୟକ, ବଜରଙ୍ଗ ଦଳ ସଭାପତି ଅଶୋକ ପାତ୍ର, ପରିଷଦ ସଦସ୍ୟ ସୌରଭ ଭାଇ ମଞ୍ଚାସୀନ ଥିଲେ। ସେମାନେ ଗୀତା ଜ୍ଞାନ ତତ୍ତ୍ୱ ପ୍ରଦାନ କରିଥିଲେ। ପ୍ରତ୍ୟେକ ଦିନ ଗୀତାର ଗୋଟିଏ ଲେଖାଏ ଶ୍ଳୋକ ପଢ଼ିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦିଆଯାଇଛି। କାର୍ଯ୍ୟକ୍ରମରେ ଆଖପାଖ ୧୧ଟି ଶିକ୍ଷାନୁଷ୍ଠାନର ପଚାଶ ଜଣ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ତଥା ସଂସ୍କୃତିପ୍ରେମୀ ଲକ୍ଷ୍ମୀଧର ମହାନ୍ତି, ଗଙ୍ଗାଧର ପାଣି, ପଦ୍ମନାଭ ରାଉତ, ଅନନ୍ତ ବାରିକ, ଶିକ୍ଷୟିତ୍ରୀ ମନୋରମା ମହାପାତ୍ର, ଶିକ୍ଷକ ଅର୍ଜ୍ଜୁନ ବାରିକ ବିଚାରପତି ଦାୟିତ୍ୱ ତୁଲାଇ ଥିଲେ। ପ୍ରତିଯୋଗୀଙ୍କ ମଧ୍ୟରୁ ଆଠଜଣଙ୍କୁ ମିଶନ ପକ୍ଷରୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ ପ୍ରତିଯୋଗୀଙ୍କୁ ଗୀତା ପୁସ୍ତକ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନ ମୁଖ୍ୟ ଗୀତାଞ୍ଜଳି ସାମଲଙ୍କ ସମେତ ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଟ୍ରାକ୍ଟରକୁ ଧକ୍କା ଦେଲା ଟ୍ରଲର ଅଳ୍ପକେ ବର୍ତ୍ତିଲେ ପୋଲିସ,ଯାତ୍ରୀ

ପଟ୍ଟାଙ୍ଗି,୧୭।୧୧(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ପଡାଲଗୁଡା ଗ୍ରାମ ଛକରେ ଟ୍ରାକ୍ଟର ଓ ଟ୍ରଲର ଧକ୍କା ହୋଇ ପୋଲିସ ଏବଂ ଯାତ୍ରୀ ଅଳ୍ପକେ ବର୍ତ୍ତିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ଛକରେ ପଟ୍ଟାଙ୍ଗି ପୋଲିସ ଗାଡ଼ି ଯାଞ୍ଚ କରୁଥିବା ବେଳେ ଆନ୍ଧ୍ରରୁ କୋରାପୁଟ ଅଭିମୁଖେ ଆସୁଥିବା ଏକ ଦ୍ରୁତଗାମୀ ଟ୍ରଲର ନଂ ସିଜି-୦୪ ଏଲ୍‌କ୍ୟୁ-୩୦୨୭ ବାମ ପାର୍ଶ୍ୱରେ ଥିବା ଅନ୍ୟ ଏକ ଟ୍ରାକ୍ଟରକୁ ଧକ୍କା ଦେଇଥିଲା। ଟ୍ରାକ୍ଟରରେ ଥିବା ବିଙ୍ଗୁ କଡ୍ରିୟା, ସନୁ ମାଝୀ ଓ ଘେନୁ କଡ୍ରିୟା ଆହତ ହୋଇଥିଲେ। ସେମାନଙ୍କୁ ପୋଲିସ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଟ୍ରଲରର ବ୍ରେକ୍ ଫେଲ୍ ହୋଇଯିବାରୁ ନିୟନ୍ତ୍ରଣ ହରାଇ ଅନ୍ୟ ଗାଡିର ଯାତ୍ରୀଙ୍କୁ ବଞ୍ଚାଇବା ଉଦ୍ୟମରେ ଟ୍ରାକ୍ଟର ସହ ସୁରକ୍ଷା ପାଚେରୀକୁ ଧକ୍କା ଦେଇଥିଲା। ଫଳରେ ବଡ ଦୁର୍ଘଟଣା ଟଳିଯାଇଥିଲା। ଟ୍ରାକ୍ଟର ରାଲେଗଡା ଅଞ୍ଚଳର ଶିରିମୁଲିଆ ଦାସଙ୍କର ବୋଲି ଜଣାପଡିଛି।

### ଆଧ୍ୟାତ୍ମିକ ପାଠଶାଳା ଉଦ୍‌ଘାଟିତ

ଜୟପୁର,୧୭।୧୧(ପବନ ପାଣିଗ୍ରାହୀ)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିୱା ପକ୍ଷରୁ ସ୍ଥାନୀୟ ଡିଭାଇନ୍ ଲାଇଫ ସୋସାଇଟିରେ ଏକ ଆଧ୍ୟାତ୍ମିକ ପାଠଶାଳା ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ୫୫ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଜି. ରେଡ୍ଡୀ, ଅରବିନ୍ଦ ମହାପାତ୍ର, ଶାନ୍ତି ଷଡଙ୍ଗୀ ଓ ସୋନାଲି ପତି ଉପସ୍ଥିତ ଥିଲେ। ଭାଗବତ ଛନ୍ଦର ଗୋଟିଏ ଲେଖାଏ ଶ୍ଳୋକ ଓ ତାହାର ଅର୍ଥ ବୁଝାଇଥିଲେ। ବିଭିନ୍ନ ବନ୍ଦନା, ଶ୍ଳୋକ, ଗଳ୍ପ ମାଧ୍ୟମରେ ଚରିତ୍ର ଗଠନ ପାଇଁ ବିଭିନ୍ନ ଉପଦେଶ ଦେଇଥିଲେ। ପାଠଶାଳା ପ୍ରତି ରବିବାର ସକାଳ ୧୦ଟା ୩୦ରୁ ୧୧ଟା ୩୦ ପର୍ଯ୍ୟନ୍ତ ଚାଲିବ। ଛାତ୍ରୀଛାତ୍ର ଭାଗବତ ଗୀତା ଏବଂ ଅନ୍ୟାନ୍ୟ ଧର୍ମଗ୍ରନ୍ଥରୁ ଉପଦେଶ ଶିକ୍ଷା କରିବା ପାଇଁ ଅନୁଷ୍ଠାନର ମୁଖ୍ୟ ରେଡ୍ଡୀ ଅନୁରୋଧ କରିଛନ୍ତି। ଏଥିରେ ସୌମ୍ୟ ରଞ୍ଜନ, ଅଜୟ ମିଶ୍ର ଓ ଆନନ୍ଦ ମୁଦ୍ରା ପ୍ରମୁଖ ଉପସ୍ଥିତ ଥିଲେ।

### ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଜୟନ୍ତୀ ପାଳିତ

ଜୟପୁର,୧୭।୧୧(ପବନ ପାଣିଗ୍ରାହୀ)

ଜୟପୁର ଶ୍ରମିକ ଭବନ ପରିସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ମଦନ ମୋହନ ନାୟକଙ୍କ ସଭାପତିତ୍ୱରେ ପୂର୍ବତନ ପୌର ଉପାଧ୍ୟକ୍ଷ ସୂର୍ଯ୍ୟନାରାୟଣ ରଥ ଓ ଅବସରପ୍ରାପ୍ତ ଶିକ୍ଷକ ହରିହର କରସୁଧା ପଟ୍ଟନାୟକ ଉପସ୍ଥିତ ଥିଲେ। ଜୟପୁର ପ୍ରତି ତାଙ୍କ ଅନୁଦାନ ଓ ଅବଦାନକୁ ମନେ ପକାଇଥିଲେ। କବିରାଜ ପରମେଶ୍ୱର ପାତ୍ର, ସମ୍ପାଦକ ନବୀନ ମାଦଳା, ଅଶୋକ କୁମାର ସାମନ୍ତରା, ଲକ୍ଷ୍ମୀ ମିଶ୍ର, ପ୍ରଫୁଲ୍ଲ ମିଶ୍ର ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଗ୍ରାମବାସୀଙ୍କ ଆକ୍ରମଣରେ ଅଭିଯୁକ୍ତ ଗୁରୁତର

■ ପାଲିଆ ପଞ୍ଚାୟତ ବିଜେଡି ସଭାପତିଙ୍କୁ ଗୁଳିମାଡ଼ ଘଟଣା
■ ଘଟଣାରେ ବ୍ୟବହୃତ ଦେଶୀ ବନ୍ଧୁକ ଜବତ

ନବରଙ୍ଗପୁର/ଝରିଗାଁ, ୧୭।୧୧
(ସଦାଶିବ ପ୍ରହରାଜ/କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ପାଲିଆ ପଞ୍ଚାୟତ ବିଜେଡି ସଭାପତି ଡମନା ଭତରାଙ୍କୁ ଗୁଳି କରିଥିବା ଅଭିଯୁକ୍ତ କପୁର ଭତ୍ରା ଗ୍ରାମବାସୀଙ୍କ ଆକ୍ରମଣରେ ଗୁରୁତର ହୋଇଛନ୍ତି। ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ଚିକିତ୍ସା ଚାଲିଛି। ପୋଲିସ ଅଭିଯୁକ୍ତ ବ୍ୟବହାର କରିଥିବା ଦେଶୀ ବନ୍ଧୁକ ଜବତ କରିଛି। ଯାହାର ଲାଇସେନ୍ସ ନ ଥିବା ଜଣାପଡ଼ିଛି। ସେହିଭଳି ଗୁଳିକାଣ୍ଡରେ ଗୁରୁତର ଡମନାଙ୍କୁ ପରିବାର ଲୋକେ ନବରଙ୍ଗପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ସୋମବାର କୋରାପୁଟ ମେଡିକାଲରେ ଅସ୍ତ୍ରୋପଚାର କରାଯାଇ ଡମନାଙ୍କ ଦେହରୁ ଗୁଳି କଢ଼ାଯିବ ବୋଲି ଜଣାପଡିଛି।


ଅଭିଯୁକ୍ତ କପୁର ଭତ୍ରା।

ସୂଚନାନୁଯାୟୀ, ଶନିବାର ସନ୍ଧ୍ୟା ୭ଟା ବେଳକୁ ଡମନା ନିଜ ଜମି ନିକଟ ଖଳାକୁ ଯାଉଥିଲେ। ଏହି ସମୟରେ ନିଶାସକ୍ତ ଅବସ୍ଥାରେ ଥିବା ତାଙ୍କ ମାଉସୀ ପୁଅ ଭାଇ କପୁର ଗାଁର ଅନ୍ୟ କେତେଜଣଙ୍କ ସହ କଳି କରୁଥିବା ଦେଖି ଡମନା ତାଙ୍କୁ ଅଟକାଇଥିଲେ। ଏଥିରେ କପୁର ଉତ୍ତ୍ୟକ୍ତ ହୋଇ ଡମନାଙ୍କ ଉପରକୁ ଗୁଳି କରିଥିଲେ। ଏହି ଗୁଳି ତାଙ୍କ ଡାହାଣ କାନ୍ଧରେ ବାଜିଥିଲା। ପରେ ଗ୍ରାମବାସୀ କପୁରଙ୍କୁ ମାଡ଼ ମାରିବା ସହ ଝରିଗାଁ ପୋଲିସକୁ ଖବର ଦେଇଥିଲେ। ଗ୍ରାମବାସୀଙ୍କ ଆକ୍ରମଣରେ କପୁର ଗୁରୁତର ହୋଇଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ପ୍ରଥମେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ କପୁରଙ୍କୁ ନବରଙ୍ଗପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଡମନାଙ୍କ ଭାଇ ମନବୋଧ ଭତ୍ରା ଝରିଗାଁ ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନମ୍ବର ୧୯୩/୨୪ରେ ମାମଲା ରୁଜୁ କରି ତଦନ୍ତ କରୁଛି। ପୋଲିସ ଗାଁକୁ ଯାଇ ଗୁଳିକାଣ୍ଡରେ ବ୍ୟବହୃତ ଦେଶୀ ବନ୍ଧୁକ ଜବତ କରିଛି।

## ପୂର୍ବତନ କାଉନ୍‌ସିଲରଙ୍କ ପରଲୋକ

ନବରଙ୍ଗପୁର,୧୭।୧୧
(ସଦାଶିବ ପ୍ରହରାଜ)



ନବରଙ୍ଗପୁର ପୌରପରିଷଦ ୧୩ ନମ୍ବର ୱାର୍ଡ ପୂର୍ବତନ କାଉନ୍‌ସିଲର ତଥା ବରିଷ୍ଠ ଖବରଦାତା ରଞ୍ଜନ କୁମାର ପଟ୍ଟନାୟକଙ୍କ ୫୮ ବର୍ଷ ବୟସରେ ଶନିବାର ରାତିରେ ମୃତ୍ୟୁ ଘଟିଛି। ସେ ଦୀର୍ଘ ବର୍ଷ ଧରି କର୍କଟ ରୋଗରେ ପୀଡିତ ଥିଲେ। ତଥାପି ମଧ ଦକ୍ଷତାର ସହ ସାମ୍ବାଦିକତା କରି ସୁନାମ ଅର୍ଜନ କରିଥିଲେ। ସେ ଓଜେୟୁ ସଂଘର ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ସେ କାଉନ୍‌ସିଲର ଥିବା ସମୟରେ ଗଡ଼ବାଗୁଡ଼ା ସାହିକୁ ପକ୍କା ରାସ୍ତା ଓ ଡ୍ରେନ ନିର୍ମାଣ ହୋଇପାରିଥିଲା। ତାଙ୍କ ଶେଷ ଦର୍ଶନ ପାଇଁ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ପୂର୍ବତନ ମନ୍ତ୍ରୀ ଡମ୍ବରୁ ମାଝୀ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମଞ୍ଜୁଳା ମାଝୀ, ପୂର୍ବତନ ପୌରପରିଷଦ ଅଧ୍ୟକ୍ଷ ଅର୍ଜୁନ ତ୍ରୀପାଠୀଙ୍କ ସମେତ ଜିଲାର ବିଭିନ୍ନ ବ୍ଲକର ଖବରଦାତା, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଛତ୍ରବଟ ଶ୍ମଶାନରେ ତାଙ୍କ ଅନ୍ତିମ ସତ୍କାର କରାଯାଇଛି।

# ମୃତ୍ୟୁ ପରେ ଅଙ୍ଗପ୍ରତ୍ୟଙ୍ଗ ଦାନ କଲେ ପରିବାର

## ୧୦ ଜଣଙ୍କୁ ମିଳିଲା ନୂତନ ଜୀବନ

କୋରାପୁଟ,୧୭।୧୧(ଅମିତାଭ ବେହେରା)

କୋରାପୁଟ ସହରର ଜଣେ ଯୁବକଙ୍କ ମୃତ୍ୟୁ ପରେ ତାଙ୍କ ଅଙ୍ଗପ୍ରତ୍ୟଙ୍ଗ ଦାନ କରି ୧୦ଜଣଙ୍କ ଜୀବନ ବଞ୍ଚାଇଛନ୍ତି। ସୂଚନା ଅନୁଯାୟୀ, କୋରାପୁଟ ଗୌତମ ନଗର ନିବାସୀ ଅବସରପ୍ରାପ୍ତ କର୍ମଚାରୀ ପ୍ରଦୀପ ପାତ୍ର ଏବଂ ସୁପ୍ରଭା ନାୟକଙ୍କ ଦ୍ୱିତୀୟ ସୁପୁତ୍ର ଦେବଦତ୍ତ ପାତ୍ର ବେଙ୍ଗାଲୋରରେ ଆର୍‌କେପୁରମରେ ରହି ଚାକିରୀ କରୁଥିବା ବେଳେ ଅକ୍ଟୋବର ୨୯ରେ ତାଙ୍କର ବ୍ରେନ ଷ୍ଟ୍ରୋକ ହୋଇଥିଲା। ତାଙ୍କୁ ସେଠାରେ ଥିବା ମଣିପାଲ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ନଭେମ୍ବର ୪ରେ ଚିକିତ୍ସାଧୀନ ଦେବଦତ୍ତଙ୍କ ମସ୍ତିଷ୍କ ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକଙ୍କ ନିଷ୍ପତି କ୍ରମେ ମେଡିକାଲ କର୍ତ୍ତୃପକ୍ଷ ଦେବଦତ୍ତଙ୍କ ଆଖିଠୁ କିଡନୀ ଯାଏ ଶରୀରର ସମ୍ପୂର୍ଣ୍ଣ ଅଙ୍ଗ ଦାନ କରାଯାଇଥିଲା। ଏହାଦ୍ୱାରା ୧୦ଜଣଙ୍କୁ ନୂତନ ଜୀବନ ମିଳିଥିବା ମୃତ ଦେବଦତ୍ତଙ୍କ ବାପା ସୂଚନା ଦେଇଛନ୍ତି। ପୁଅଙ୍କ ଶରୀରର ଅଙ୍ଗପ୍ରତ୍ୟଙ୍ଗ ଦାନରେ ୧୦ ଜଣଙ୍କ ଜୀବନ ବଞ୍ଚିଥିବାରୁ ସେ ଗର୍ବିତ ବୋଲି କହିଛନ୍ତି।


ମୃତ ଦେବଦତ୍ତ ପାତ୍ର।

# ଲକ୍ଷ୍ମୀପୁରରେ ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଲକ୍ଷ୍ମୀପୁର, ୧୭।୧୧(ଅନନ୍ତ ନାୟକ )

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ସଦରରେ ରବିବାର ସାହିତ୍ୟ ପରିଷଦର ୧୦ମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ପରିଷଦ ସଭାପତି ମହାଦେବ ଶତପଥୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସଉନ୍ତା, ବ୍ଲକ ଅଧ୍ୟକ୍ଷ ଶୁଆଇ କୁଲ୍‌ସିକା ସମ୍ମାନିତ ଅତିଥି, ରାୟଗଡ଼ା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଓମ୍ ପ୍ରକାଶ ମିଶ୍ର ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ସମ୍ପାଦକ ଅରୁଣ କୁମାର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଲେଖକ ନିରଞ୍ଜନ ନାୟକ, ସାହିତ୍ୟିକ ବିଜୟା ଲକ୍ଷ୍ମୀ ପାଣିଗ୍ରାହୀ, ଅଶୋକ କୁମାର ମହାରଣା, ଉଦ୍ୟଭାନୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କୃତି ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଛନ୍ତି।

## ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା

ଜୟପୁର,୧୭।୧୧(ପବନ ପାଣିଗ୍ରାହୀ)

ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଶାରିରୀକ ସମ୍ପର୍କ ରଖିବା ପରେ ପ୍ରତାରଣା କରିଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି। ପାଡୁଆ ଅଞ୍ଚଳର ରବିନ୍ଦ୍ର ଚାଲାଣ ପ୍ରତାରଣା କରିଥିବା ଲିଖିତ ଅଭିଯୋଗ ହୋଇଛି। ପୋଲିସ ନଂ.୨୦୫/୨୪ରେ ମାମଲା ରୁଜୁ କରି ହେଡକ୍ୱାଟର ଡିଏସ୍‌ପି ବିରଞ୍ଚି ନାରାୟଣ ଜଗତ ତଦନ୍ତ କରୁଥିବା ମହିଳା ଥାନା ଅଧିକାରୀ ଅନିତା କୁଜୁର ସୂଚନା ଦେଇଛନ୍ତି।

# ଗାଡ଼ି ଧକ୍କାରେ ଚାଲିଗଲା ମାନସିକ ବିକୃତଙ୍କ ଜୀବନ

■ ଶିକୁଳିରେ ବାନ୍ଧି ରଖୁଥିଲେ ପରିବାର ଲୋକେ
■ ୪ ଦିନ ହେବ ଶିକୁଳି ଫିଟାଇ ଦେଇ ବୁଲୁଥିଲେ

ପାପଡ଼ାହାଣ୍ଡି, ୧୭।୧୧
(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ମଇଦଲପୁର ଥାନା ଅଧୀନ ନୂଆକୋଟ ଛକରେ ରବିବାର ଏକ ଗାଡ଼ି ଧକ୍କାରେ ଗ୍ରାମର ଦେବସିଂ ନାୟକଙ୍କ ମୃତ୍ୟୁ ହୋଇଛି। ତାଙ୍କ ମୃତଦେହ ପାପଡ଼ାହାଣ୍ଡି ମେଡିକାଲରେ ରହିଛି। ଦେବସିଂ ମାନସିକ ବିକୃତ ଥିଲେ। ପରିବାର ଲୋକେ ତାଙ୍କୁ ଶିକୁଳିରେ ବାନ୍ଧି ରଖିଥିଲେ। ୪ଦିନ ତଳେ ସେ ଶିକୁଳି ଫିଟାଇ ବୁଲୁଥିଲେ। କେହି ପାଖକୁ ଗଲେ ବାନ୍ଧିବାକୁ ଦେଉ ନ ଥିଲେ। ରବିବାର ଅପରାହ୍ନରେ ସେ ରାସ୍ତାରେ ବୁଲୁଥିବା ସମୟରେ କୌଣସି ଏକ ଗାଡ଼ି ତାଙ୍କୁ ଧକ୍କା ଦେବାରୁ ତାଙ୍କ ମୁଣ୍ଡ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପାପଡ଼ାହାଣ୍ଡି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପାପଡ଼ାହାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ତେବେ ଘଟଣାଟି ମଇଦଲପୁର ଥାନା ଅଞ୍ଚଳର ହୋଇଥିବାରୁ ସେଠାରେ ଏତଲା ଦେବାକୁ ପାପଡ଼ାହାଣ୍ଡି ପୋଲିସ ପରାମର୍ଶ ଦେଇଛି।

# ପଞ୍ଚାୟତ କାର୍ଯ୍ୟାଳୟରେ ଯୋଗାଣ ସହାୟକଙ୍କୁ ଆକ୍ରମଣ

■ ରାସନ୍ କାର୍ଡ ଇ-କେୱାଇସି ଟିପ ଚିହ୍ନ ନେବାବେଳେ ଆକ୍ରମଣ କଲେ ଦୁର୍ବୃତ୍ତ
■ ଥାନାରେ ଲିଖିତ ଅଭିଯୋଗ

ଦଶମନ୍ତପୁର, ୧୭।୧୧
(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଲୁଲା ପଞ୍ଚାୟତରେ ରବିବାର ରାସନ୍ କାର୍ଡ ହିତାଧିକାରୀଙ୍କ ଇ-କେୱାଇସି ଟିପ ଚିହ୍ନ ନେଉଥିବାବେଳେ କାର୍ଯ୍ୟରତ ଯୋଗାଣ ସହାୟକଙ୍କୁ କେତେଜଣ ଦୁର୍ବୃତ୍ତ ଆକ୍ରମଣ କରିବା ସହିତ ମେସିନ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଏ ନେଇ ଦଶମନ୍ତପୁର ଥାନାରେ ଯୋଗାଣ ସହାୟକ ସୀମାଞ୍ଚଳ ଡୁରୁକ ଅଭିଯୋଗ କରିଛନ୍ତି। ପଞ୍ଚାୟତର ଦୁର୍ଗମ ଗାଁରେ ରହୁଥିବା ହିତାଧିକାରୀଙ୍କ ରାସନ୍ କାର୍ଡ ଇ-କେୱାଇସି ଟିପ ଚିହ୍ନ ମେସିନ ଦ୍ୱାରା ନେଉଥିଲେ। ଏହି ସମୟରେ କୁମ୍ଭାର ଲୁଲା ଗାଁର କେତେଜଣ ଦୁର୍ବୃତ୍ତ ପଞ୍ଚାୟତ କାର୍ଯ୍ୟାଳୟକୁ ଧସେଇ ପଶି ଯୋଗାଣ ସହାୟକଙ୍କୁ ଆକ୍ରମଣ କରିଥିଲେ। କେବଳ ସେତିକି ନୁହେଁ ସରକାରଙ୍କ ତରଫରୁ ଦିଆ ଯାଇଥିବା ମେସିନ ମଧ୍ୟ ଛଡ଼ାଇ ଭାଙ୍ଗି ଦେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ବର୍ତ୍ତମାନ ୩ ମାସର ପିଡିଏସ୍ ଚାଉଳ ପଞ୍ଚାୟତ ଗୋଦାମରେ ରହିଛି। ଇ-କେୱାଇସି କାମ ଶେଷ ହେଲା ପରେ ଚାଉଳ ବଣ୍ଟା ଯାଇଥାନ୍ତା। ଦୁର୍ବୃତ୍ତ ମାନେ ମେସିନ ଛଡାଇ ଭାଙ୍ଗିଦେଇଛନ୍ତି। ମେସିନ୍ ବିନା ରାସନ୍ ବାଣ୍ଟି ହେବ ନାହିଁ ବୋଲି ଯୋଗାଣ ସହାୟକ କହିଛନ୍ତି। ସୂଚନା ମୁତାବକ ଏହି ପଞ୍ଚାୟତରେ ୧୮୫୦ ପରିବାର ରାସନ୍‌କାର୍ଡ ହିତାଧିକାରୀ ରହିଛନ୍ତି।

# ସାକ୍ଷରତା ହାର ବୃଦ୍ଧି ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ

## ନୂତନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସ୍ୱାଗତ

ଉମରକୋଟ, ୧୭।୧୧
(ସନ୍ତୋଷ ଶତପଥୀ)

ଉମରକୋଟ ବ୍ଲକର ନୂତନ ଭାବେ ନିୟମିତ ହୋଇଥିବା ପ୍ରାଥମିକ ଶିକ୍ଷକ ଓ ନୂତନ ନିଯୁକ୍ତ ପାଇଥିବା ଜୁନିୟର ଶିକ୍ଷକଙ୍କୁ ରବିବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଉମରକୋଟସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ କାହ୍ନୁ ଚରଣ ମିଶ୍ରଙ୍କ ଶ୍ରୀ ଗଣେଶ ମନ୍ତ୍ର ପାଠ ପରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଉମରକୋଟ ବ୍ଲକ ଏଲିମେଣ୍ଟାରୀ ବି ଏଡ୍ ଶିକ୍ଷକ ସଂଘ ସଭାପତି ଟୁଟୁବାବୁ ପଟ୍ଟନାୟକ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସପନ କୁମାର ସରକାର, ଶିକ୍ଷକ ନେତା ସନଧର ମାଝି, ବରିଷ୍ଠ ଶିକ୍ଷକ ନେତା ଓ ସଙ୍ଗଠକ ଦିଲ୍ଲୀପ କୁମାର ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ସଂଘ ସଭାପତି ଦେବୀ ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ଜିଲା ସମ୍ପାଦକ ଗଣେଶ ପ୍ରସାଦ ରଣା ଯୋଗଦେଇ ସଂଘର କାର୍ଯ୍ୟକାରିତା, ଶିକ୍ଷକଙ୍କ ଭୂମିକା ସମ୍ପର୍କରେ କହିଥିଲେ। ଶିକ୍ଷା ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ, ସାକ୍ଷରତା ହାର ବୃଦ୍ଧି ଦିଗରେ କାର୍ଯ୍ୟ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷକ ବାବୁରାମ ପାତ୍ରଙ୍କ ପ୍ରାରମ୍ଭିକ ଭଜନ ଗାନ କରିଥିଲେ। କାର୍ଯ୍ୟକ୍ରମକୁ ସଂଘ ସମ୍ପାଦକ ନରେଶ ଚନ୍ଦ୍ର ପଟ୍ଟନାୟକ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅନ୍ୟମାନେ।

